# REGIONAL NEWS UNIT, AIR CUTTACK

## Evening Bulletin (6.45PM)

### 21 February - 2026

*********************************

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ଆସନ୍ତାକାଲି 'ମନ୍ କି ବାତ୍'ର ୧୩୧ ତମ ସଂସ୍କରଣରେ ଦେଶବାସୀଙ୍କ ସହ କରିବେ ଭାବବିନିମୟ
- ବିଧାନସଭା ବଜେଟ୍ ଅଧିବେଶନର ପଞ୍ଚମ ଦିନରେ ଚାଷୀ ଏବଂ ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ
- ନୂଆଦିଲ୍ଲୀରେ ଆଜି ଉଦ୍‌ଯାପିତ ହେଉଛି ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ପ୍ରଦର୍ଶନୀ
- ସହରାଞ୍ଚଳର ବାସହୀନ ଓ ନିମ୍ନମଧ୍ୟବିତ୍ତ ପରିବାରଙ୍କୁ ପି.ଏମ୍.ଏ.ୱାଇ-ଅର୍ବାନବନ୍ଧୁ ଯୋଜନାରେ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇଦେବେ ସରକାର

ଏବଂ

- କୃଷିରେ ନବସୃଜନ ଓ କୃତ୍ରିମ ବୁଦ୍ଧିମତାର ବ୍ୟବହାର କୃଷକଙ୍କୁ ଲାଭାନ୍ୱିତ କରୁଛି; କହିଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

Desk

## ମନ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲି ପୂର୍ବାହ୍ଣ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହା ମନ୍ କି ବାତ'ର ୧୩୧ତମ ସଂସ୍କରଣ ହେବ। କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ କେନ୍ଦ୍ର, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏ.ଆଇ.ଆର୍. ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ।

ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପି.ଏମ୍.ଓ. ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ମନ୍ କୀ ବାତ୍ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଙ୍ଗ୍ ହେବ। ପ୍ରଧାନମନ୍ତ୍ରୀଙ୍କର ସମ୍ବୋଧନ ପରେ ଆଞ୍ଚଳିକ ଭାଷାରେ ମନ୍ କୀ ବାତ୍ ପ୍ରସାରଣ କରାଯିବ। ଆଞ୍ଚଳିକ ଭାଷାରେ ଏହାର ଭାଷାନ୍ତର ପୁନଃ ରାତି ୮ଟାରେ ପ୍ରସାରଣ କରାଯିବ।

Assembly

## ବିଧାନସଭା–୧

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ପଞ୍ଚମ ଦିନରେ ଆଜି ବିଭିନ୍ନ ପ୍ରସଙ୍ଗକୁ ନେଇ ବିରୋଧୀ ଦଳ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଦ୍ୱିତୀୟାର୍ଦ୍ଧରେ ଗୃହ କାର୍ଯ୍ୟ ମାତ୍ର ୧୨ ମିନିଟ୍ ଚାଲିପାରିଥିଲା।

ପରିସ୍ଥିତିରେ ସୁଧାର ନ ଆସିବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ପର୍ଯ୍ୟନ୍ତ ମୁଲତବୀ ରଖିଛନ୍ତି। ପ୍ରଥମାର୍ଦ୍ଧରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚାଲିଥିବା ବେଳେ ବିରୋଧୀ ବିଜେଡି ଓ କଂଗ୍ରେସ ଦଳର ସଦସ୍ୟମାନେ ଚାଷୀଙ୍କ ବିଭିନ୍ନ ସମସ୍ୟା ନେଇ ଗୃହର ମଧ୍ୟ ଭାଗକୁ ଆସି ବିଶୃଙ୍ଖଳା ସୃଷ୍ଟି କରିଥିଲେ। ଏଥିପାଇଁ ବାଚସ୍ପତି ସୁରମା ପାଢ଼ି ପ୍ରଥମେ ଗୃହକୁ ପୂର୍ବାହ୍ନ ୧୧ଟା ୩୦ ଓ ପରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

ବିଧାନସଭାରେ ଆଜି ମହିଳା ଓ ଶିଶୁ ବିଭାଗ, ନିର୍ମାଣ, ପର୍ଯ୍ୟଟନ, ଅବକାରୀ, ମିଶନ ଶକ୍ତି ଓ ଆଇନ ବିଭାଗର ୩୦ଟି ପ୍ରଶ୍ନ ଆଲୋଚନା ପାଇଁ ଗ୍ରହଣ କରାଯାଇଥିଲେ ମଧ୍ୟ ବିରୋଧୀ ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁଁ ତାହା ସମ୍ଭବ ହୋଇପାରିନଥିଲା। ତେବେ କେତେକ ପ୍ରଶ୍ନର ଲିଖିତ ଉତ୍ତର ଗୃହରେ ଉପସ୍ଥାପିତ ହୋଇଥିଲା।

## ଏଆଇ-ଏକ୍ସପୋ ଲାଷ୍ଟ ଡେ

ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ଚାଲିଥିବା ଭାରତ କୃତ୍ରିମ ବୁଦ୍ଧିମତା ପ୍ରଭାବ ପ୍ରଦର୍ଶନୀ ଆଜି ଉଦ୍‌ଯାପିତ ହେଉଛି । ୧୦୦ରୁ ଅଧିକ ଦେଶର ପ୍ରତିନିଧି, ନବସୃଜନକାରୀ, ଉଦ୍ୟୋଗୀ ଏବଂ ନୀତି ନିର୍ଦ୍ଧାରକ ଏଥିରେ ଏକତ୍ରିତ ହୋଇଛନ୍ତି । କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟା ଦେଖିବାକୁ ମିଳିଛି । ପ୍ରଦର୍ଶନୀକୁ ୫ ଲକ୍ଷରୁ ଅଧିକ

ଲୋକ ପରିଦର୍ଶନ କରିଛନ୍ତି । ପ୍ରଦର୍ଶନୀ ଅବସରରେ ବିଭିନ୍ନ ଆଲୋଚନା ଏବଂ କର୍ମଶାଳା ଅନୁଷ୍ଠିତ ହୋଇଛି ।

ଭାରତ ଏ.ଆଇ. ପ୍ରଭାବ ସମ୍ମିଳନୀ ଏବଂ ପ୍ରଦର୍ଶନୀର ସଫଳ ଆୟୋଜନ ବିଶ୍ୱ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ ନବସୃଜନ, ସହଯୋଗ ଏବଂ ଦାୟିତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଏକ ପ୍ରମୁଖ କେନ୍ଦ୍ର ଭାବେ ଭାରତର ସ୍ଥିତିକୁ ସୁଦୃଢ଼ କରିଛି ।

BBSR/R

## ଅର୍ବାନ ବନ୍ଧୁ

ରାଜ୍ୟର ସହରାଞ୍ଚଳରେ ବସବାସ କରୁଥିବା ବାସହୀନ ଓ ନିମ୍ନମଧ୍ୟବିତ୍ତ ପରିବାରଙ୍କୁ ସୁଲଭ ମୂଲ୍ୟରେ ପକ୍କାଘର ଯୋଗାଇ ଦେବା ପାଇଁ ରାଜ୍ୟ ସରକାର 'ପି.ଏମ୍.ଏ.ଓ୍ୱାଇ– ଅର୍ବାନ ବନ୍ଧୁ' ପଦକ୍ଷେପ ଗ୍ରହଣ କରିଛନ୍ତି। ୨୦୨୬-୨୭ ଆର୍ଥିକ ବଜେଟ୍‌ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରାଞ୍ଚଳର ସଫଳ ରୂପାୟନକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ପି.ଏମ୍.ଏ.ଓ୍ୱାଇ– ଅର୍ବାନ ବନ୍ଧୁ' ପାଇଁ ସ୍ୱତନ୍ତ୍ର ପାଣ୍ଠିର ବ୍ୟୟବରାଦ କରାଯାଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟତଃ ଆର୍ଥିକ ଅନଗ୍ରସର ଶ୍ରେଣୀ ଏବଂ ସହରାଞ୍ଚଳର ଭୂମିହୀନ ପରିବାରଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ସହ ସେମାନଙ୍କ ପାଇଁ ଆବାସ ସୁବିଧା ସୁନିଶ୍ଚିତ କରାଯିବ। କାର୍ଯ୍ୟକ୍ରମ ସମ୍ପର୍କରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ି କହିଛନ୍ତି, ପ୍ରତିବର୍ଷ ଏଥିପାଇଁ ୫୦ ଏକର ଜମି ଚିହ୍ନଟ କରାଯିବ। ଯାହାଫଳରେ ଆର୍ଥିକ ସ୍ତରରେ ପଛୁଆ ବର୍ଗର ପରିବାରଙ୍କୁ ଗୃହ ଯୋଗାଣ ପ୍ରକ୍ରିୟା

ତ୍ୱରାନ୍ୱିତ ହେବ ଏବଂ ସହରାଞ୍ଚଳରେ ପକ୍କାଘର ସୀମା ବୃଦ୍ଧି ପାଇବ। ଚଳିତ ଆର୍ଥିକ ବର୍ଷ ବଜେଟ୍‌ରେ ୧୨୦ କୋଟି ଟଙ୍କାର ବ୍ୟୟବରାଦକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିକଶିତ ଓଡ଼ିଶା ପରିକଳ୍ପନା ଅନୁଯାୟୀ, ୨୦୨୯ ସୁଦ୍ଧା ୯୦ ପ୍ରତିଶତ ପରିବାରକୁ ପକ୍କାଘର ଯୋଗାଇଦେବାକୁ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ବୋଲି ଶ୍ରୀମତୀ ପାଢ଼ି କହିଛନ୍ତି।

Desk

## ଭୋଟର ତାଲିକା ସଂଶୋଧନ

ରାଜ୍ୟରେ ଆସନ୍ତା ଏପ୍ରିଲ ମାସ ପହିଲାରୁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ– ଏସ୍.ଆଇ.ଆର୍ ଆରମ୍ଭ ହେବ। ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍.ସନ୍ତୁଗୋପାଳନ ସୂଚନା ଦେଇଛନ୍ତି। ୨୦୦୨ ଏସ୍.ଆଇ.ଆର୍ ତାଲିକା ବିବରଣୀ ଯାଞ୍ଚ କରି ଜଣାଇବା ପାଇଁ ଅଧିକାରୀମାନଙ୍କୁ କୁହାଯାଇଛି। ବର୍ତ୍ତମାନ ସମୟରେ ମ୍ୟାପିଂ ଜାରି ରହିଛି ବୋଲି ଶ୍ରୀ ଗୋପାଳନ କହିଛନ୍ତି। ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭୋଟର ତାଲିକା ପ୍ରସ୍ତୁତ ପାଇଁ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଉଛି। ନିର୍ବାଚନ ଆୟୋଗ ଗତ ୧୯ ତାରିଖରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା ସମ୍ପର୍କିତ ପ୍ରସ୍ତୁତି କାର୍ଯ୍ୟ ସମ୍ପନ୍ନ କରିବା ଲାଗି ଓଡ଼ିଶା ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ,

ବର୍ତ୍ତମାନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱତନ୍ତ୍ର ଭୋଟରତାଲିକା ସଂଶୋଧନ ପ୍ରକ୍ରିୟା ଜାରି ରହିଛି ।

Desk

## ଉପମୁଖ୍ୟମନ୍ତ୍ରୀ- କୃଷି

କୃଷିରେ ନବସୃଜନ ଏବଂ କୃତ୍ରିମ ବୁଦ୍ଧିମତାର ବ୍ୟବହାର କୃଷକମାନଙ୍କୁ ଫସଲର ଆଗୁଆ ସୂଚନା ପ୍ରଦାନ କରି ଲାଭାନ୍ୱିତ କରିବାରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହଛନ୍ତି । ଭୁବନେଶ୍ୱର ଲୋକସେବା ଭବନରେ ଏ ସମ୍ପର୍କିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସିଂହଦେଓ କହିଛନ୍ତି, ଓଡ଼ିଶା ବଜେଟ୍‌ରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରରେ ପୂର୍ବବର୍ଷ ତୁଳନାରେ ୧୨ ଦଶମିକ ୩ ପ୍ରତିଶତ ବୃଦ୍ଧି ହୋଇଛି । କୃଷକ ଓ କୃଷି କାର୍ଯ୍ୟକୁ ଅଧିକ ଲାଭାନ୍ୱିତ କରିବା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ରାଜ୍ୟରେ ଡିଜିଟାଲ ଶସ୍ୟ ସର୍ଭେ ଉପଗ୍ରହ ମାଧ୍ୟମରେ କରାଯାଉଛି । ସମୟ ସହ ତାଳଦେଇ ଏହି କ୍ଷେତ୍ରରେ ବିଭିନ୍ନ ନବସୃଜନ ଓ ନୂତନ ପନ୍ଥା ଆପଣେଇ ଲାଭ ପାଇବା ଉପରେ ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି ।

Desk

## ଅପରେସନ୍ ସାଇବର କବଚ

ସାଇବର ଅପରାଧ ଉପରେ ଅଙ୍କୁଶ ଲଗାଇବା ପାଇଁ 'ଅପରେସନ୍ ସାଇବର କବଚ' ମାଧ୍ୟମରେ ଓଡ଼ିଶା ପୁଲିସ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର

ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ଏହି ବିଶେଷ ଅଭିଯାନକୁ ତ୍ୱରାନ୍ୱିତ କରାଯାଉଛି। ଅପରେସନ୍ ସାଇବର କବଚ ଅଧୀନରେ ଏ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ମୋଟ୍ ୨ ହଜାର ୬୭ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାସହ ମାମଲାରେ ସମ୍ପୃକ୍ତ ୧୪୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ରାଜ୍ୟର ସାଧାରଣ ଲୋକଙ୍କ ଡିଜିଟାଲ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ପୁଲିସ ସଦାସର୍ବଦା ଦୃଢ଼ ସଂକଳ୍ପବଦ୍ଧ। ସାଇବର ଅପରାଧୀଙ୍କ ଆର୍ଥିକ କାରବାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ଏହି ଅଭିଯାନକୁ ଆଗାମୀ ଦିନରେ ଆହୁରି ବ୍ୟାପକ କରାଯିବ ବୋଲି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଛନ୍ତି।

Railway

## ରେଳ- ସୁରକ୍ଷା ମାନଦଣ୍ଡ

ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଆଜି ପ୍ରମୁଖ ରେଳବାଇର ସୁରକ୍ଷା ମାନଦଣ୍ଡ ଭିତ୍ତିଭୂମିର ସ୍ଥିତି ଏବଂ କାର୍ଯ୍ୟଦକ୍ଷତା ସମୀକ୍ଷା କରିବା ପାଇଁ ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ନୟାଗଡ଼–ଯଖପୁରା ସେକସନ୍‌ର ସୁରକ୍ଷା ଯାଞ୍ଚ କରିଛନ୍ତି। ଏହା ନୟାଗଡ଼ର ରେଳଷ୍ଟେସନ୍‌ରୁ ଆରମ୍ଭ ହୋଇଥିବା ବେଳେ ମହାପ୍ରବନ୍ଧକ ପ୍ଲାଟଫର୍ମ ପରିଚାଳନାରେ ତ୍ରୁଟିର ସୁଧାର, ଯାତ୍ରୀ ସୁବିଧା ସମେତ ଷ୍ଟେସନ୍ ଏବଂ ୟାର୍ଡର ବିଭିନ୍ନ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଏଥିସହିତ ଶ୍ରୀ ଫୁଙ୍କୱାଲ କେନ୍ଦୁଝରଗଡ଼, ହରିଚନ୍ଦନପୁର ରେଳଷ୍ଟେସନ୍‌ରେ ଯାତ୍ରୀ ସୁବିଧା ଓ ଅନ୍ୟାନ୍ୟ ବ୍ୟବସ୍ଥା ଉପରେ ମଧ୍ୟ ବିସ୍ତୃତ ଭାବେ ସମୀକ୍ଷା କରିଥିଲେ।

Boudh

## ଗ୍ରୀଷ୍ମ ପ୍ରବାହ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଜିଲ୍ଲା ଜରୁରୀକାଳୀନ ବିଭାଗ ପକ୍ଷରୁ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ କାର୍ଯ୍ୟକ୍ରମରେ ଯୋଗଦେଇ ଗ୍ରୀଷ୍ମ ପ୍ରବାହକୁ ପ୍ରତିହତ କରିବା ପାଇଁ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତଭାବେ ଆଲୋଚନା କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା, ଶ୍ରମ, ଜିଲ୍ଲା, ସାମାଜିକ ସୁରକ୍ଷା ଓ ପାନୀୟଜଳ ବିଭାଗର ଅଧିକାରୀମାନେ ସେମାନଙ୍କ ଦାୟିତ୍ୱକୁ ସୂଚାରୁରୂପେ ତୁଲାଇବା ପାଇଁ ଶ୍ରୀ ନାୟକ ନିର୍ଦ୍ଦେଶ ଦେଇଥିଲେ।

Boudh

## ବାଲ୍ୟ ବିବାହ

ବୌଦ୍ଧ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ବୌଦ୍ଧ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଲ୍ୟ ବିବାହ ସମ୍ପର୍କିତ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ଯୋଗଦେଇ ବାଲ୍ୟ ବିବାହ ଆଇନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ।

Nayagarh

## ବୃକ୍ଷଙ୍କ ଜଳସେଚନ

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକର ଟାକରା ପଞ୍ଚାୟତ ମଞ୍ଜୁରୀ ଠାରେ ପ୍ରସ୍ତାବିତ ବୃତ୍ତଙ୍ଗ ଜଳସେଚନ ପ୍ରକଳ୍ପ ଦ୍ୱାରା ବାସଚ୍ୟୁତ କୁଲୁରୁକୁମ୍ପା ପଞ୍ଚାୟତର ଗୁଣ୍ଡୁରୀବାରୀ, ତଳଡିକିରି ଓ ଉପରଡିକିରି ଗ୍ରାମବାସୀଙ୍କୁ ନେଇ ଜମି ଅଧିଗ୍ରହଣ, ପୁନର୍ବାସ ଓ ଥଇଥାନ ସମ୍ପର୍କିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିବିରରେ ବୃତ୍ତଙ୍ଗ ପ୍ରକଳ୍ପ ନିର୍ଦ୍ଦେଶକ କାଲ ମାଝୀ, ସ୍ଥାନୀୟ ସରପଞ୍ଚ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

Nuapada

## ଜାତୀୟ ସେବା ଯୋଜନା

ନୂଆପଡ଼ା ଜିଲ୍ଲା କୋମନାସ୍ଥିତ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରୁ ରାଜ୍ୟକୁ ୩ ଜଣ ସ୍ୱେଚ୍ଛାସେବୀ ମନୋନୀତ ହୋଇଛନ୍ତି । ଏହି ଅବସରରେ କଟକର ମହାନଦୀଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଦୁଃସାହସିକ ଜଳକ୍ରୀଡ଼ା ଶିବିର ଚଳିତ ମାସ ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଚାଲିବ । ଶିବିରରେ ନୌକା ବିହାର, ସ୍କୁବା ଡାଇଭିଂ, ବନ୍ୟା ଓ ବାତ୍ୟା ପରିସ୍ଥିତିର ମୁକାବିଲା ଉପରେ ସ୍ୱେଚ୍ଛାସେବୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯିବ ।

Nayagarh

## ସଚେତନତା କର୍ମଶାଳା

ନୟାଗଡ଼ ଜିଲ୍ଲା ଓଜନ ଓ ମାପ ବିଭାଗ ଦ୍ୱାରା ନୂଆଗାଁ ବ୍ଲକ ଅନ୍ତର୍ଗତ ମହୀପୁର ଜଗନ୍ନାଥ ମନ୍ଦିର ପରିସରରେ ଖାଉଟି ସଚେତନତା କର୍ମଶାଳା

ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ୧୦୦ରୁ ଊର୍ଦ୍ଧ୍ୱ ମହିଳା, ଶିକ୍ଷାବିତ୍, ବୁଦ୍ଧିଜୀବୀ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ ।

Nayagarh

## ଶିକ୍ଷକ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଜିଲ୍ଲାରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ସନ୍ଧାନ ଉଦ୍‌ଯାପିତ ହୋଇଯାଇଛି । ପ୍ରାଥମିକସ୍ତରରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷାଗତ ଯୋଗ୍ୟତାର ମୂଲ୍ୟାଙ୍କନ ପରେ ସେମାନଙ୍କର ଶିକ୍ଷଣ ଦକ୍ଷତାକୁ ବିଶ୍ଲେଷଣ କରି ଆଗାମୀ ଶିକ୍ଷଣ ପ୍ରକ୍ରିୟାକୁ କିପରି ସୁଦୃଢ଼ କରାଯାଇପାରିବା ଉପରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଶିବିରରେ ଜିଲ୍ଲାର ୮ଟି ବ୍ଲକରୁ ୫୬ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ତାଲିମ ନେଇଥିଲେ ।

Desk

## ଅନ୍ତର୍ଜାତୀୟ ମାତୃଭାଷା ଦିବସ

ବିଶ୍ୱରେ ଭାଷା ଏବଂ ସାଂସ୍କୃତିକ ବିବିଧତାକୁ ପ୍ରୋତ୍ସାହିତ କରିବା ସହ ମାତୃଭାଷାକୁ ବଞ୍ଚାଇ ରଖିବା ପାଇଁ ଲୋକଙ୍କୁ ସଚେତନ କରାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଆଜିର ଦିନକୁ ଅନ୍ତର୍ଜାତୀୟ ମାତୃଭାଷା ଦିବସ ଭାବେ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବିଷୟବସ୍ତୁ ରହିଛି 'ବହୁ ଭାଷା ଭିତ୍ତିକ ଶିକ୍ଷା କ୍ଷେତ୍ରରେ ଯୁବସ୍ୱର' । ମାତୃଭାଷାର ଗୁରୁତ୍ୱକୁ ରେଖାଙ୍କିତ କରିବା ପାଇଁ ୨୦୦୦ ମସିହାରୁ ୟୁନେସ୍କୋ ପକ୍ଷରୁ ଏହି ଦିବସ ପାଳନ କରାଯାଇଆସୁଛି । ହୃଦୟର ଆବେଗକୁ ଭାବପୂର୍ଣ୍ଣ ଭାବେ

ବ୍ୟକ୍ତ କରୁଥିବା ଭାଷାକୁ ମାତୃଭାଷା କୁହାଯାଏ । ବିଶ୍ୱରେ ପ୍ରାୟ ୭ ହଜାର ଭାଷାରେ ଲୋକମାନେ କଥାବାର୍ତ୍ତା କରିଥାନ୍ତି ।